10


ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ

ଭଦ୍ରକ-୭୫୬୧୦୦ ( ଓଡ଼ିଶା )

ଦୂରଭାଷ ନଂ. ୦୬୭୮୪-୨୫୧୫୧୯(କାର୍ଯ୍ୟାଳୟ), ଫ୍ୟାକ୍ସ ନଂ. ୦୬୭୮୪-୨୫୧୨୨୧

E-mail:-bhadrakm.hud@nic.in


ପତ୍ର ସଂଖ୍ୟା. 5408 ତାରିଖ. 8/9/2021

# ନିଲାମ ନିମନ୍ତେ ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଭଦ୍ରକ ପୌରପାଳିକା Wealth Centre ର Material Recovery Facility (MRF) ରେ ଗଚ୍ଛିତ ଥିବା ପୁରୁଣା ଅଦରକାରୀ ଭଙ୍ଗା ଲୁହା ସରଞ୍ଜାମ, ପ୍ଲାଷ୍ଟିକ, କାଚ, ରବର, ଚମଡ଼ା ଓ ଟିଣ ସରଞ୍ଜାମ ଗୁଡ଼ିକ ନିଲାମ ନିମନ୍ତେ ନିମ୍ନଲିଖିତ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ତା. ୨୦.୦୯.୨୦୨୧ ରିଖ ଦିବା ଘ. ୨.୦୦ ଟିକା ସୁଦ୍ଧା ସେମାନଙ୍କର ଟେଣ୍ଡର କାଗଜାତ ଯଥା ଦରଖାସ୍ତ, ପାନ କାର୍ଡ, ଆଧାର କାର୍ଡ ଇତ୍ୟାଦି ସହିତ ଦାଖଲ କରିବେ। ଉପରୋକ୍ତ ଟେଣ୍ଡର ଉକ୍ତ ଦିବସରେ ଅପରାହ୍ନ ୪ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ। ଯଦି କୌଣସି ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ ତେବେ ମଧ୍ୟ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା କରାଯାଇଅଛି।

## ସର୍ତ୍ତାବଳୀ

(୧) ଆଗ୍ରହୀ ଟେଣ୍ଡରଦାତାମାନେ ପୌରପାଳିକାର ବିଦାଙ୍ଗରେ ଥିବା Wealth Centre ପରିସରରେ MRF Unit ମଧ୍ୟରେ ଗଚ୍ଛିତ ଅଦରକାରୀ ଭଙ୍ଗା ଲୁହା ସରଞ୍ଜାମ, ପ୍ଲାଷ୍ଟିକ, କାଚ, ରବର, ଚମଡ଼ା ଓ ଟିଣ ସରଞ୍ଜାମ ସମୟସୀମା ମଧ୍ୟରେ ଦେଖିପାରିବେ।

(୨) ଆଗ୍ରହୀ ଟେଣ୍ଡରଦାତା ମାନେ ସେମାନଙ୍କର ସର୍ବୋଚ୍ଚ କିଲୋ ଗ୍ରାମ ପ୍ରତି ମୂଲ୍ୟ ଅଙ୍କ ଓ ଅକ୍ଷରରେ ଉଲ୍ଲେଖିତ କାଗଜାତ ଭଦ୍ରକ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଥିବା ଆବେଦନ ବାକ୍ସରେ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ପକାଇବା ହେବେ। ନିର୍ଦ୍ଧାରିତ ସମୟ ପରେ କୌଣସି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ଏବଂ ଏଥିପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

(୩) ସଫଳ ଟେଣ୍ଡରଦାତା ନିଜେ ଖର୍ଚ୍ଚରେ ଯାନ ଯୋଗାଡ କରି ଓଜନ କଣ୍ଟାରେ ଓଜନ କରାଇ ଲୋଡିଂ କରିବେ। ଏ ବାବଦକୁ ସମସ୍ତ ଖର୍ଚ୍ଚ ଟେଣ୍ଡର ଦାତା ବହନ କରିବେ।

(୪) ସଫଳ ଟେଣ୍ଡରଦାତା ଲୁହା ସରଞ୍ଜାମ, ପ୍ଲାଷ୍ଟିକ, କାଚ, ରବର, ଚମଡ଼ା ଓ ଟିଣ ସରଞ୍ଜାମ ଓଜନ ହେଲା ପରେ ତତ୍‌କ୍ଷଣାତ୍ ସେ ବାବଦକୁ ମୂଲ୍ୟର ସରକାରୀ ରସିଦ୍ ପୌର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କାଟିବେ।

(୫) ସର୍ବୋଚ୍ଚ ଟେଣ୍ଡର ମୂଲ୍ୟକୁ ଗ୍ରହଣ କରାଯିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି। କୌଣସି କାରଣ ନଥାଇ ଯେ କୌଣସି ଟେଣ୍ଡରକୁ ରଦ୍ଦ କରାଯିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି। ଏଥିନିମନ୍ତେ କୈଫିୟତ ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

PDF processed with CutePDF evaluation edition www.CutePDF.com

ଜ୍ଞାପକ ସଂଖ୍ୟା. 5409 ତା. 8/7/2021

ଏହାର ଏକକିତା ନକଲ ଜିଲ୍ଲାପାଳ, ଭଦ୍ରକ/ଉପ-ଜିଲ୍ଲାପାଳ, ଭଦ୍ରକ/ତହସିଲଦାର, ଭଦ୍ରକ/ସବ୍‌ରେଜିଷ୍ଟ୍ରାର, ଭଦ୍ରକ/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଭଦ୍ରକ/ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ଭଦ୍ରକ/ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଭଦ୍ରକ / ବ୍ଲକ ଉନ୍ନୟନ ଅଧିକାରୀ ସଦର, ଭଦ୍ରକ/ ଆଞ୍ଚଳିକ ପରିବହନ ଅଧିକାରୀ, ଭଦ୍ରକ/ ନିଯୋଜନ ଅଧିକାରୀ, ଭଦ୍ରକ / ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ / ଆରକ୍ଷୀ ଅଧିକ୍ଷକ, ଭଦ୍ରକଙ୍କ ବିହୀତ ଅବଗତି ନିମିତ୍ତ ଜଣାଇ ଦିଆଯାଇ ଅନୁରୋଧ କରାଗଲା କି ଯେ ସେମାନେ ଉକ୍ତ ବିଜ୍ଞାପନକୁ ନୋଟିସ୍ ବୋର୍ଡରେ ପ୍ରଦର୍ଶନ କରାଇବା ହେବେ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

ଜ୍ଞାପକ ସଂଖ୍ୟା. 5410 ତା. 8/7/2021

ଏହାର ଏକକିତା ନକଲ ଉକ୍ତ ବିଜ୍ଞାପନକୁ ଡାକବାଜୀ ଯନ୍ତ୍ର ମାଧ୍ୟମରେ ସମସ୍ତ ୱାର୍ଡରେ ସର୍ବସାଧାରଣଙ୍କୁ ଜଣାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଗଲା। ଏହାର ଏକକିତା ନକଲ ସର୍ବସାଧାରଣଙ୍କର ଗୋଚରାର୍ଥେ ଅଫିସ ନୋଟିସ୍ ବୋର୍ଡରେ ପ୍ରଦର୍ଶନ କରାଯାଇ ବିହୀତ ପ୍ରସାରଣ କରାଗଲା।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

ଜ୍ଞାପକ ସଂଖ୍ୟା. 5411 ତା. 8/7/2021

ଏହି ବିଜ୍ଞାପନର ଏକକିତା ନକଲ MIS, ଭଦ୍ରକ ପୌପାଳିକା ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ କରାଇବା ନିମନ୍ତେ ଆଦେଶ ପ୍ରଦାନ କରାଗଲା।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା